# NATIONAL NEWS BULLETIN (ODIA)
## 24 September - 2024
## Evening Bulletin : 7.15 p.m.

*************************************

## ମୁଖ୍ୟ ସମ୍ବାଦ

- ଜାମ୍ମୁ କାଶ୍ମୀରରେ ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟରେ ୨୬ଟି ବିଧାନସଭା ମଣ୍ଡଳୀ ପାଇଁ ହେବ ମତଗ୍ରହଣ ।
- ଦଶମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସି.ପି.ଏ. ଭାରତ ଅଞ୍ଚଳ ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗରେ ହୋଇଛି ଫଳପ୍ରଦ ଆଲୋଚନା, ସୂଚନା ଦେଲେ ବାଚସ୍ପତି ଓମ୍ ବିର୍ଲା ।
- ତ୍ରିପୁରାରେ ଦୁଇଟି ଉଗ୍ରବାଦୀ ସଂଗଠନର ୫୦୦ରୁ ଅଧିକ ସଦସ୍ୟଙ୍କ ଆତ୍ମସମର୍ପଣ ।
- ଇସ୍ରାଏଲ୍‌ର ଏୟାର୍ ଷ୍ଟ୍ରାଇକ୍‌ରେ ଲେବାନନ୍‌ରେ ମୃତ୍ୟୁ ସଂଖ୍ୟା ୫୫୮କୁ ବୃଦ୍ଧି ।

ଏବଂ

- ସ୍ୱଚ୍ଛତା ହିଁ ସେବା ୨୦୨୪ ଅଭିଯାନ ଅଧୀନରେ ବୟନ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ।

# ଜାମ୍ମୁ କାଶ୍ମୀର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଜାମ୍ମୁ କାଶ୍ମୀରରେ ଆସନ୍ତାକାଲି ୨୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମତଗ୍ରହଣ କରାଯିବ । ଏଥିପାଇଁ ୧୩ ହଜାରରୁ ଅଧିକ ପୁଲିଂ ଅଧିକାରୀ ୩ ହଜାର ୫୦୦ ମତଦାନ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି । ଅଧିକରୁ ଅଧିକ ମତଦାତାଙ୍କୁ ଉତ୍ସାହିତ କରିବା ଲାଗି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମତଗ୍ରହଣ ପରେ ଇ.ଭି.ଏମ୍. ଗୁଡ଼ିକୁ ରଖାଯିବାକୁ ଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ ୨୪ ଘଣ୍ଟିଆ ଡିଜିଟାଲ୍ ସର୍ଭେଲାନ୍ସ ବ୍ୟବସ୍ଥା କରାଯାଇଛି । ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନ ଲକ୍ଷ୍ୟରେ ନିର୍ବାଚନ ଆୟୋଗ ୧ ହଜାର ୫୬ଟି ସହରାଞ୍ଚଳ ମତଦାନ କେନ୍ଦ୍ର, ୨ହଜାର ୪୪୬ଟି ଗ୍ରାମୀଣ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ସମସ୍ତ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂର ସୁବିଧା ରହିଛି । ଆସନ୍ତାକାଲିର ମତଦାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, କଂଗ୍ରେସ ରାଜ୍ୟ ମୁଖ୍ୟ ତଥା ପୂର୍ବତନ ମନ୍ତ୍ରୀ ତାରିକ୍ ହମିଦ କରା, ଜମ୍ମୁ କଶ୍ମୀର ବିଜେପି ସଭାପତି ରବୀନ୍ଦ୍ର ରୈନା, ଅପନି ପାର୍ଟି ମୁଖ୍ୟ ସୟଦ ଅଲତାଫ ବୁଖାରୀ, ମନ୍ତ୍ରୀ ଅଲ୍ଲୀ ମହମ୍ମଦ ସାଗର ଏବଂ ଅବଦୁଲରହିମ ରାଥେରଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ । ପ୍ରାୟ ୨୫ ଲକ୍ଷ ୭୮ ହଜାରରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

ଗତ ୧୮ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୨୪ଟି ବିଧାନସଭା ମଣ୍ଡଳୀ ପାଇଁ ମତଦାନ ଅନୁଷ୍ଠିତ ହୋଇଥିଲା । ଏଥିରେ ୬୧ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ । ତୃତୀୟ

ପର୍ଯ୍ୟାୟ ଆସନ୍ତା ପହିଲାରେ ୪୦ଟି ଆସନ ପାଇଁ ମତଗ୍ରହଣ କରାଯିବ । ଅକ୍ଟୋବର ୮ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

## ପାର୍ଲାମେଣ୍ଟାରୀ-କନ୍‌ଫରେନ୍ସ

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଦଶମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସି.ପି.ଏ. ଭାରତ ଅଞ୍ଚଳ ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ନେଇ ଫଳପ୍ରଦ ଆଲୋଚନା ହୋଇଛି । ସଂଘର ଦୁଇ ଦିନିଆ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବିର୍ଲା କହିଛନ୍ତି, ଏହି ଆଲୋଚନାରେ ବିଧାନସଭାର ଡିଜିଟାଇଜେସନ୍, ସଦସ୍ୟଙ୍କ ଦକ୍ଷତା ବୃଦ୍ଧି ଏବଂ ନିରନ୍ତର ଓ ଅନ୍ତରଭୁକ୍ତ ବିକାଶରେ ବିଧାନ ପରିଷଦର ଭୂମିକା ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା । ବିଧାନସଭା ସଂସ୍ଥା ଗୁଡ଼ିକୁ ଅଧିକ ସକ୍ରିୟ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ବିଭିନ୍ନ ରାଜ୍ୟ ବିଧାନସଭାରେ ଗ୍ରହଣ କରାଯାଇଥିବା ଅଭିନବ ଚିନ୍ତାଧାରା ଏବଂ ସର୍ବୋତ୍ତମ ଅଭ୍ୟାସକୁ ଅନ୍ୟ ଅଂଶଗ୍ରହଣକାରୀ ସଦସ୍ୟଙ୍କ ମଧ୍ୟରେ ଆଲୋଚନା ହୋଇଛି । ଏହି ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୨୫ ଜଣ ବାଚସ୍ପତି, ୪ ଜଣ ଅଧ୍ୟକ୍ଷ ଏବଂ ବିଧାନସଭାର ୨୫ ଜଣ ପ୍ରିଜାଇଡିଂ ଅଫିସର ଅଂଶଗ୍ରହଣ କରିଥିଲେ ।

# ଝାଡ଼ଖଣ୍ଡ-ନିର୍ବାଚନ ଆୟୁକ୍ତ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଅର୍ଥବଳ ବ୍ୟବହାର ପ୍ରତି ଶୂନ୍ୟସହନଶୀଳତା ନୀତି ଅବଲମ୍ବନ କରାଯିବ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏବଂ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ଡକ୍ଟର ଏସ୍.ଏସ୍. ସାନ୍ଧୁ ରାଞ୍ଚି ଠାରେ ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରିବା ଅବସରରେ ଏହା କହିଛନ୍ତି । କେନ୍ଦ୍ର ଏବଂ ରାଜ୍ୟ ପ୍ରବର୍ତ୍ତନକାରୀ ସଂସ୍ଥାକୁ ପ୍ରଲୋଭନ ମୁକ୍ତ ନିର୍ବାଚନକୁ ସୁନିଶ୍ଚିତ କରିବା ଲାଗି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ବେଆଇନ୍ ମଦ, ନଗର ଟଙ୍କା ଏବଂ ନିଶାଦ୍ରବ୍ୟ କାରବାରକୁ ରୋକିବା ପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରିବା ପାଇଁ ଆୟୋଗ ଗୁରୁତ୍ୱାରୋପ କରିଛନ୍ତି । ସେହିଭଳି ନିର୍ବାଚନ ସମୟରେ ଯାଞ୍ଚ ବାହାନାରେ ଜନସାଧାରଣଙ୍କୁ ଅଯଥା ହଇରାଣ ନ କରିବାକୁ ଆୟୋଗ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ବିହାର ପଟରୁ ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳ ଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ବାଚନ ଅଧିକାରୀଙ୍କୁ ଆୟୋଗ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଆୟୋଗ, ରାଜନୈତିକ ଦଳ, ସୁରକ୍ଷା ବାହିନୀ ଏବଂ ନିର୍ବାଚନ ସହ ସମ୍ପୃକ୍ତ ଅନ୍ୟାନ୍ୟ ସଂସ୍ଥା ଗୁଡ଼ିକ ସହ ଆଲୋଚନା କରିଥିଲେ । ସୂଚନା ଯୋଗ୍ୟ ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ପାଇଁ ଚଳିତ ବର୍ଷ ନିର୍ବାଚନ ହୋଇପାରେ ।

# ଶ୍ରୀଲଙ୍କା-କ୍ୟାବିନେଟ୍

ନ୍ୟାସନାଲ୍ ପିପୁଲ୍ସ ପାୱାର୍ ଦଳର ସାଂସଦ ଡକ୍ଟର ହିରିନି ଅମରସୂର୍ଯ୍ୟା ଆଜି ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଅନୁରାଗ କୁମାରା ଦିଶାନାୟକଙ୍କ ନିକଟରେ ରାଷ୍ଟ୍ରପତି କାର୍ଯ୍ୟାଳୟରେ ଶପଥ ନେଇଛନ୍ତି । ସୂଚନା ଯୋଗ୍ୟ ଶ୍ରୀ ଦିଶାନାୟକ ଗତକାଲି ଶ୍ରୀଲଙ୍କାର ନୂତନ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ । ସେହି ଦଳର ସାଂସଦ ସଦସ୍ୟ ଭିଜିଥ୍ ହେରାତ୍ ଏବଂ ଲକ୍ସମନ୍ ନିପୁନ୍ ଆରାଚି କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।

# ଉଗ୍ରବାଦୀ ଆତ୍ମସମର୍ପଣ

ତ୍ରିପୁରାରେ ଦୁଇଟି ଉଗ୍ରବାଦୀ ସଂଗଠନର ୫୦୦ରୁ ଅଧିକ ସଦସ୍ୟ ଆଜି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି । ନ୍ୟାସନାଲ୍ ଲିବରେସନ୍ ଫ୍ରଣ୍ଟ ଅଫ୍ ତ୍ରିପୁରା ଏନ୍.ଏଲ୍.ଏଫ୍.ଟି. ଏବଂ ଅଲ୍ ତ୍ରିପୁରା ଟାଇଗର ଫୋର୍ସ୍ ଏ.ଟି.ଟି.ଏଫ୍. ସଂଗଠନର ଏହି ସଦସ୍ୟମାନେ ହିଂସାର ମାର୍ଗ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି । ସୋପାହି ଜାଲା ଜିଲ୍ଲା ଅନ୍ତର୍ଗତ ଜାମ୍ପୁଇଜାଲା ଠାରେ ଆୟୋଜିତ ଏକ ସମାରୋହରେ ସେମାନେ ଆତ୍ମସମର୍ପଣ କରିଥିଲେ । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଡକ୍ଟର ମାନିକ୍ ଶାହା, ରାଜ୍ୟ ମୁଖ୍ୟ ଶାସନ ସଚିବ ଜେ.କେ.

ସିହ୍ନା ଏବଂ ପୁଲିସ୍ ମହାନିର୍ଦ୍ଦେଶକ ଅମିତାଭ ରଂଜନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡକ୍ଟର ଶାହା କହିଥିଲେ, ଉଗ୍ରବାଦୀଙ୍କ ଏଭଳି ପଦକ୍ଷେପ ଦ୍ୱାରା ରାଜ୍ୟରେ ବିକାଶ ଅଧିକ ତ୍ୱରାନ୍ୱିତ ହୋଇପାରିବ । କେନ୍ଦ୍ର ସରକାର ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଅନେକ ସଂଗଠନ ମଧ୍ୟରେ ମୋଟ୍ ୧୨ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ସେଥିମଧ୍ୟରେ ତ୍ରିପୁରା ସହ ତିନୋଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି ବୋଲି ଡକ୍ଟର ଶାହା କହିଛନ୍ତି । ଏହି ବୁଝାମଣା ଦ୍ୱାରା ତ୍ରିପୁରାରେ ଶାନ୍ତି ଫେରିବାରେ ସହାୟକ ହୋଇଛି ।

ସୂଚନା ଯୋଗ୍ୟ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗତ ୪ ତାରିଖରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର, ତ୍ରିପୁରା ସରକାର ଏବଂ ଏହି ଦୁଇଟି ଉଗ୍ରବାଦୀ ସଂଗଠନ ମଧ୍ୟରେ ତ୍ରିପାକ୍ଷିକ ଶାନ୍ତିଚୁକ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

## ଲେବାନନ୍ ମୃତ୍ୟୁ

ଲେବାନନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଇସ୍ରାଏଲ୍‌ର ଏୟାର୍ ଷ୍ଟ୍ରାଇକ୍‌ରେ ଲେବାନନ୍‌ରେ ମୃତ୍ୟୁ ସଂଖ୍ୟା ୫୫୮କୁ ବୃଦ୍ଧି ପାଇଛି । ଇସ୍ରାଏଲ୍ ପକ୍ଷରୁ ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ଆକ୍ରମଣରେ ଏପର୍ଯ୍ୟନ୍ତ ୧ହଜାର ୮୩୫ ଜଣ ଆହତ ହୋଇଥିବା ମନ୍ତ୍ରଣାଳୟ କହିଛି । ଇସ୍ରାଏଲ୍ ଏବଂ ହିଜବୁଲା ମଧ୍ୟରେ ପ୍ରବଳ

ଗୁଳିଗୋଳା ବିନିମୟ ହୋଇଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଲେବାନନ୍‌ରେ ଆକ୍ରମଣକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ଇସ୍ରାଏଲ୍ ସେନା କହିଛି । ଅନ୍ୟ ପକ୍ଷରେ ହିଜବୁଲା କହିଛି, ହାଇଫାର ଦକ୍ଷିଣାଞ୍ଚଳରେ ଥିବା ଇସ୍ରାଏଲ୍‌ର ଏଲିୟାକିମ୍ ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି ।

ଇତିମଧ୍ୟରେ ବିଭିନ୍ନ ରାଷ୍ଟ୍ରର ନେତା ଏବଂ ଜାତିସଂଘ ଉତ୍ତେଜନା ହ୍ରାସ କରିବାକୁ ଦୁଇ ପକ୍ଷଙ୍କୁ ଆହ୍ୱାନ ଦେଇଛନ୍ତି । ହ୍ୱାଇଟ୍ ହାଉସ୍ ଏକ ବିବୃତ୍ତିରେ କହିଛି, ଆମେରିକା-ଗାଜା ଅସ୍ତ୍ରବିରତି ଏବଂ ହମାସ ସହ ପଣବନ୍ଦୀ ମୁକ୍ତି ନେଇ ପ୍ରତିଶ୍ରୁତିବଦ୍ଧ । ଏଥିସହ ଲେବାନନ୍ ସହ ଇସ୍ରାଏଲ୍ ସୀମାରେ ଉତ୍ତେଜନା ହ୍ରାସ କରିବାକୁ ମଧ୍ୟ ଆମେରିକା ଚାହୁଁଛି ବୋଲି ହ୍ୱାଇଟ୍ ହାଉସ୍ କହିଛି । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, ଇସ୍ରାଏଲ୍ ଏବଂ ଲେବାନନ୍ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମୂଳକ ପରିସ୍ଥିତିରେ ବହୁ ଶିଶୁ ଏବଂ ମହିଳାଙ୍କୁ ମିଶାଇ ସାଧାରଣ ନାଗରୀକଙ୍କ ମୃତ୍ୟୁ ଅତ୍ୟନ୍ତ ଚିନ୍ତାଜନକ ।

## ମୁଖ୍ୟମନ୍ତ୍ରୀ ସିଦ୍ଧରମୋୟା

ମହିଶୁର ନଗର ଉନ୍ନୟନ କର୍ତ୍ତୃପକ୍ଷ ଜମି ଆବଣ୍ଟନ ମାମଲା ଆଧାରରେ ରାଜ୍ୟପାଳଙ୍କ ଅନୁମୋଦନକୁ ଚ୍ୟାଲେଞ୍ଜ କରି ମୁଖ୍ୟମନ୍ତ୍ରୀ ସିଦ୍ଧ ରମୋୟା ଦାଖଲ କରିଥିବା ଆବେଦନକୁ କର୍ଣ୍ଣାଟକ ହାଇକୋର୍ଟ ଖାରଜ

କରିଦେଇଛନ୍ତି । ଜଷ୍ଟିସ୍ ଏମ୍. ନାଗପ୍ରସନ୍ନଙ୍କ ଖଣ୍ଡପୀଠ ଏହି ଆବେଦନର ଶୁଣାଣିରେ କହିଛନ୍ତି, ରାଜ୍ୟପାଳ ସ୍ୱାଧୀନ ନିଷ୍ପତ୍ତି ନେବାର ଅଧିକାର ରହିଛି ।

ସୂଚନା ଯୋଗ୍ୟ ଏହି ଜମି ଦୁର୍ନୀତି ମାମଲାରେ ରାଜ୍ୟପାଳ ଥାୱରଚନ୍ଦ ଗେହେଲଟ ଗତମାସ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ସିଦ୍ଧ ରମେୟାଙ୍କ ବିରୁଦ୍ଧରେ ଦୁର୍ନୀତି ନିବାରଣ ଆଇନ୍ ଏବଂ ଭାରତୀୟ ନ୍ୟାୟ ସଂହିତା ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁମତି ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପରିବାର ସଦସ୍ୟ ଏହି ଦୁର୍ନୀତି ମାମଲାରେ ଜଡ଼ିତ ଥିବା ଅଭିଯୋଗରେ ତିନିଜଣ ସାମାଜିକ କର୍ମୀ ଶ୍ରୀ ସିଦ୍ଧରମେୟାଙ୍କ ବିରୁଦ୍ଧରେ ମାମଲା ଆରମ୍ଭ କରିବା ଲାଗି ରାଜ୍ୟପାଳଙ୍କୁ ଅନୁମତି ମାଗିଥିଲେ । ଶ୍ରୀ ସିଦ୍ଧରମେୟାଙ୍କ ପତ୍ନୀ ପାର୍ବତୀ ୩ ଦଶମିକ୍ ୧/୬ ଏକର ଜମି ବଦଳରେ ମହିଶୁର ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରୁ ୧୪ଟି ଆବାସସ୍ଥଳ ପାଇଥିଲେ । ଏଥିପାଇଁ ରାଜ୍ୟ ରାଜକୋଷକୁ ୫୫ କୋଟି ୮୦ ଲକ୍ଷ ଟଙ୍କାର କ୍ଷତି ହୋଇଛି ବୋଲି ଅଭିଯୋଗ ଆଧାରରେ ରାଜ୍ୟପାଳ ମାମଲା ରୁଜୁ ପାଇଁ ଅନୁମତି ପ୍ରଦାନ କରିଥିଲେ ।

## ବିଜେପି - ସିଦ୍ଧରମେୟା ଇସ୍ତଫା

ଏହି ଦୁର୍ନୀତି ମାମଲାର ମୁକ୍ତ ଏବଂ ନିରପେକ୍ଷ ତଦନ୍ତ ପାଇଁ ବିଜେପି ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ଇସ୍ତଫା ଦାବି କରିଛି । ଦଳର ବରିଷ୍ଠ ନେତା ରାଜୀବ ଚନ୍ଦ୍ରଶେଖର ଆଜି ଦିଲ୍ଲୀ ସ୍ଥିତ ଦଳୀୟ ମୁଖ୍ୟାଳୟରେ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି, ସିଦ୍ଧ ରମେୟାଙ୍କ ଆବେଦନ କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଦେଇଛନ୍ତି । ନିଜ ପଦର ଅପବ୍ୟବହାର କରି ଶ୍ରୀ ସିଦ୍ଧରମେୟା ନିଜକୁ ଏବଂ ପରିବାରବର୍ଗଙ୍କୁ ସମୃଦ୍ଧ କରିଛନ୍ତି ବୋଲି ଶ୍ରୀ ଚନ୍ଦ୍ରଶେଖର ଅଭିଯୋଗ କରିଛନ୍ତି ।

## ଟେକ୍ସଟାଇଲ୍ ସ୍ୱଚ୍ଛତା କ୍ୟାମ୍ପେନ୍

ବୟନ ଶିଳ୍ପ ମନ୍ତ୍ରଣାଳୟ ସ୍ୱଚ୍ଛତା ହିଁ ସେବା ୨୦୨୪ ଅଭିଯାନ ଅଧୀନରେ 'ସ୍ୱଭାବ ସ୍ୱଚ୍ଛତା ସଂସ୍କାର ସ୍ୱଚ୍ଛତା' ସ୍ଲୋଗାନ୍‌କୁ ପାଳନ କରୁଛି । ମନ୍ତ୍ରଣାଳୟ ଅଧୀନସ୍ଥ ଭାରତୀୟ ଝୋଟ କର୍ପୋରେସନ୍, ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାସନ୍ ଟେକ୍ନୋଲୋଜି – ଏନ୍.ଆଇ.ଏଫ୍.ଟି. ଏବଂ ଟେକ୍ସଟାଇଲ୍ କମିଟି ଆଦି ବିଭିନ୍ନ କାର୍ଯ୍ୟାଳୟ ଏବଂ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକ ସ୍ୱଚ୍ଛତା ଉପରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି । ମନ୍ତ୍ରଣାଳୟର ମୁଖ୍ୟାଳୟ ସଫେଇ ମିତ୍ର ସୁରକ୍ଷା ମିତ୍ର ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଆୟୋଜିତ ହୋଇଛି । ଏଥିରେ ସଫେଇ କର୍ମଚାରୀଙ୍କୁ ମାକ୍ସ ଏବଂ ସାନିଟାଇଜର୍ ବଣ୍ଟନ କରାଯାଇଛି । ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏନ୍.ଆଇ.ଏଫ୍.ଟି. ପରିସରରେ ପଥପ୍ରାନ୍ତ ନାଟକ ଏବଂ ରିଲ୍ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ସେହିଭଳି ଟେକ୍ସଟାଇଲ୍ କମିଟି ଏହାର ମୁଖ୍ୟାଳୟ ଏବଂ ଆଞ୍ଚଳିକ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରୁଛି । ଏଥିରେ କର୍ମଚାରୀଙ୍କୁ ସାଇବର ସ୍ୱଚ୍ଛତା ସମ୍ପର୍କରେ ସଚେତନତା ଲକ୍ଷ୍ୟରେ ଏକ ଆଣ୍ଟିଭାଇରସ୍ ସଫ୍ଟୱେୟାର୍‌ର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।